**REGIONAL NEWS UNIT, AIR CUTTACK**
**Morning Bulletin (7.05 AM)**
**9.05.2025**

# ଅପରେସନ-କାର୍ଯ୍ୟାନୁଷ୍ଠାନ

ଅପରେସନ 'ସିନ୍ଦୂର' ଅନ୍ତର୍ଗତ ଭାରତ ପ୍ରତିଜବାବରେ ପାକିସ୍ତାନ ଉପରେ ଜବାବି କାର୍ଯ୍ୟାନୁଷ୍ଠାନ ଜାରି ରଖିଛି । ଭାରତର ଏକାଧିକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଦ୍ୱାରା ପାକିସ୍ତାନର ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଭାରତର ପ୍ରତିଆକ୍ରମଣ ଲକ୍ଷ୍ୟ ଭିତ୍ତିକ, ସଠିକ୍ ଏବଂ ଅଣଉତ୍ତେଜନାମୂଳକ । ପାକିସ୍ତାନୀ ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଲକ୍ଷ୍ୟ ରଖି ଭାରତ ପକ୍ଷରୁ କୌଣସି ପ୍ରକାର ଆକ୍ରମଣ କରାଯାଇ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ନିୟନ୍ତ୍ରଣରେଖା ଆରପାଖରୁ ପାକିସ୍ତାନ ଗୋଳାବର୍ଷଣ ଜାରି ରଖିଛି । ମୋର୍ଟାର ଏବଂ ଶକ୍ତିଶାଳୀ ଆର୍ଟିଲେରୀ ଗୋଳା ବ୍ୟବହାର କରି ଜାମ୍ମୁ-କାଶ୍ମୀରର କୁପୱାରା, ବାରମୂଲା, ଉରୀ, ପୁଞ୍ଚ୍, ମେନ୍ଧର ଏବଂ ରାଜୌରୀ ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରୁଛି । ଜାମ୍ମୁ କାଶ୍ମୀରର ଆନ୍ତର୍ଜାତିକ ସୀମା ନିକଟରେ ପାକିସ୍ତାନ ପକ୍ଷରୁ ଜାମ୍ମୁ, ପଠାନ୍‌କୋଟ ଏବଂ ଉଧମପୁରରେ ଥିବା ସାମରିକ ପ୍ରତିଷ୍ଠାନଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଓ

ଡ୍ରୋନ୍ ବ୍ୟବହାର କରିଛି । ସେନାବାହିନୀର ସୂଚନା ଅନୁସାରେ, ପାକିସ୍ତାନର ଆକ୍ରମଣଗୁଡ଼ିକୁ ସଂପୂର୍ଣ୍ଣ ରୂପେ ନିଷ୍କ୍ରିୟ କରାଯାଇଛି ।

ଭାରତ ପକ୍ଷରୁ ପାକିସ୍ତାନକୁ ଜବାବ ଦେବା ପାଇଁ ସେନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଉତ୍ତେଜନାକୁ ବୃଦ୍ଧି ନ କରିବା ପାଇଁ ଭାରତୀୟ ସଶସ୍ତ୍ର ବାହିନୀ ପ୍ରତିଶ୍ରୁତି ଦେଇଛି । ହେଲେ ପାକିସ୍ତାନ ଭାରତର ଅଣଉତ୍ତେଜନାମୂଳକ କାର୍ଯ୍ୟକୁ ସମ୍ମାନ ଜଣାଇବାର ଆବଶ୍ୟକତା ରହିଛି ବୋଲି କୁହାଯାଇଛି ।

ସାମାଜିକ ଗଣମାଧ୍ୟମରେ ପାକିସ୍ତାନ ଆକ୍ରମଣ କରିବା ନେଇ ଭାରତ ସରକାର ସତର୍କ କରାଇଛନ୍ତି । ପାକିସ୍ତାନ ଦ୍ୱାରା ମିଛ ଖବର ଓ ସୂଚନା ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବରେ ପ୍ରସାରିତ ହେବ ବୋଲି ଆଶା କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ହ୍ୱାଟସ୍‌ଆପ୍ ନମ୍ବର ୮୭୯୯-୭୧୧-୨୫୯ ଜାରି କରାଯାଇଛି । ସନ୍ଦେହଜନକ ଖବର ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଲେ ଏହି ନମ୍ବରକୁ ଯାଞ୍ଚ ପାଇଁ ପଠାଇପାରିବେ ବୋଲି କୁହାଯାଇଛି ।

ପରିସ୍ଥିତିକୁ ଦୃଷ୍ଟିରେ ରଖି ଦେଶର ବିଭିନ୍ନ ସହରର ୨୭ଟି ବିମାନ ବନ୍ଦରକୁ ଆସନ୍ତାକାଲି ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗତକାଲି ଏକାଧିକ ଉଚ୍ଚସ୍ତରୀୟ ବୈଠକ ହୋଇଯାଇଛି । ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆମେରିକା ଓ ୟୁରୋପୀୟ ସଂଘକୁ ସ୍ଥିତି ନେଇ ଅବଗତ କରାଇଛନ୍ତି । ପାକିସ୍ତାନ ଓ

ଭାରତ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟି ଅଞ୍ଚଳକୁ ହାଇଆଲର୍ଟରେ ରଖାଯାଇଛି । ସମୁଦ୍ର ଉପକୂଳରେ ଅନୁପ୍ରବେଶ ଓ ନିଷିଦ୍ଧାଞ୍ଚଳ ଉପରେ ମଧ୍ୟ ସେନାବାହିନୀ ପକ୍ଷରୁ ନଜର ରଖାଯାଇଛି ।

## କେନ୍ଦ୍ରମନ୍ତ୍ରୀ-ସମୀକ୍ଷା

ଜାମ୍ମୁ କାଶ୍ମୀରର ସାଂପ୍ରତିକ ପରିସ୍ଥିତି ସଂପର୍କରେ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଜାମ୍ମୁ ଡିଭିଜନର ପ୍ରମୁଖ ବେସାମରିକ ପ୍ରଶାସନିକ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି । ବେସାମରିକ ପ୍ରତିରକ୍ଷା, ଜରୁରୀକାଳୀନ ସେବା ସହିତ ଅଧିକାରୀମାନେ ନିଜ ଅଞ୍ଚଳର ନାଗରିକ ପ୍ରତିରକ୍ଷା ପ୍ରସ୍ତୁତି, ପରିବହନ ବ୍ୟବସ୍ଥା, ବଙ୍କରଗୁଡ଼ିକର ରକ୍ଷଣାବେକ୍ଷଣ, ରିଲିଫ ଶିବିର ସ୍ଥାପନ ଏବଂ ଚିକିତ୍ସା ସେବା ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ । ଡକ୍ଟର ସିଂ କହିଛନ୍ତି, ଜନସାଧାରଣ ବିଶ୍ୱାସ ଏବଂ ଶାନ୍ତି ବଜାୟ ରଖିବା ସହିତ ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ପ୍ଲାଟଫର୍ମରେ ପ୍ରସାରିତ ମିଥ୍ୟା ଖବର ଓ ଗୁଜବ ଉପରେ ବିଶ୍ୱାସ ନ କରିବାକୁ ପରାମର୍ଶ ଦେଇଛନ୍ତି ।

## ମୁଖ୍ୟଶାସନ ସଚିବ-ବୈଠକ

ରାଜ୍ୟରେ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ପ୍ରସ୍ତୁତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗତକାଲି ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଦେଖାଦେଇଥିବା ସାଂପ୍ରତିକ ପରିସ୍ଥିତିରେ ପ୍ରତ୍ୟେକ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ

ରହିବାକୁ ମୁଖ୍ୟଶାସନ ସଚିବ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କର ସ୍ଥିତି, ସେମାନଙ୍କର ସଂଖ୍ୟା ବୃଦ୍ଧି ଓ ସାଙ୍ଗଠନିକ ସୁଦୃଢ଼ୀକରଣ ସହିତ ସେମାନଙ୍କ ଦ୍ୱାରା ସେବା ପ୍ରଦାନ ସଂପର୍କିତ ପ୍ରଶିକ୍ଷଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ଜିଲ୍ଲାର ପ୍ରମୁଖ ଶିଳ୍ପାଞ୍ଚଳ ଓ ଜନସଂଖ୍ୟା ବହୁଳ ସ୍ଥାନରେ ଜନସାଧାରଣଙ୍କୁ ସତର୍କମୂଳକ ସୂଚନା ଦେବାକୁ ସାଇରନ୍ ବ୍ୟବସ୍ଥା ସଂପର୍କରେ ମଧ୍ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# ଅଭିଯୋଗ

ଆସନ୍ତା ୧୩ ତାରିଖ ମଙ୍ଗଳବାର ଦିନ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପାଇଁ ଆଜି ପୂର୍ବାହ୍ଣ ୧୧ଟାରୁ ଅନ୍‌ଲାଇ୍ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେବ । ଜନସାଧାରଣ **janasunani.odisha.gov.in** ପୋର୍ଟାଲରେ ପଞ୍ଜିକରଣ କରିପାରିବେ । ଅନ୍‌ଲାଇନ୍ ପଞ୍ଜିକରଣ କରିପାରି ନଥିଲେ ମଧ୍ୟ ଅଭିଯୋଗକାରୀ ସିଧାସଳଖ ଶିବିରକୁ ଯାଇ ସେମାନଙ୍କର ଅଭିଯାଗପତ୍ର ଦାଖଲ କରିପାରିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି ।

# ଶ୍ରମ କମିଶନରଙ୍କ ଗସ୍ତ

ଶ୍ରମ କମିଶନର ଇନ୍ଦ୍ରମଣି ତ୍ରିପାଠୀ ଗତକାଲି ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଛତ୍ରପୁରସ୍ଥିତ ଶ୍ରମ କାର୍ଯ୍ୟାଳୟରେ ବୈଠକ କରିଥିଲେ । ଛତ୍ରପୁର ନିର୍ମାଣ ଶ୍ରମିକ ସଂଘର କର୍ମକର୍ତ୍ତାମାନେ ଶ୍ରମ କମିଶନରଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଏହା ବ୍ୟତୀତ

ଛତ୍ରପୁର ଶ୍ରମ କାର୍ଯ୍ୟାଳୟରେ ଖାଲିପଡ଼ିଥିବା ପଦବୀ ପୂରଣ ସହିତ ଆନୁସଙ୍ଗିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସମୀକ୍ଷା ବୈଠକରେ ଆଲୋଚନା ହୋଇଥିଲା ।

## ପାଣିପାଗ

ରାଜ୍ୟରେ ଗରମ ଓ ଗୁଳୁଗୁଳିର ପ୍ରଭାବ ବୃଦ୍ଧି ପାଇଛି । ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପାଗ ମେଘୁଆ ଏବଂ ହାଲୁକା ବର୍ଷାର ପ୍ରଭାବ ଥିବାରୁ ରାଜ୍ୟର କୌଣସି ଜାଗାରେ ଗତକାଲି ତାପମାତ୍ରା ୪୦ଡିଗ୍ରୀରୁ ଊର୍ଦ୍ଧ୍ୱ ନଥିଲା । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନଥିଲେ ମଧ୍ୟ ଦିନର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ଏବଂ ଏହି ସମୟ ମଧ୍ୟରେ ଗରମ ଓ ଗୁଳୁଗୁଳି ଲାଗି ରହିବ ।